**ଶିବ ଚରଣ ସିଂହ**

**ବନାମ**

**ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ**

**ନଭେମ୍ବର 17, 2006**

**[ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂହ ପାଣ୍ଟା, ନ୍ୟାୟମୂର୍ତ୍ତିଦ୍ୱୟ]**

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 136 - ସମୀକ୍ଷା ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଆପତ୍ତି କରି ଆବେଦନ - ଏହା ନିର୍ଣ୍ଣୟ କରାଯାଇଥିଲା ଯେ, ଏହା ଅନୁରକ୍ଷଣୀୟ ଯୋଗ୍ୟ ନୁହେଁ- ଦେୱାନୀ ପ୍ରକ୍ରିୟା ସଂହିତା, 1908 - ଆଦେଶ 47, ନିୟମ 7* ।

**ଏକ ଆଜ୍ଞାଦେଶ ପିଟିସନରେ ପାରିତ ଆଦେଶର ସମୀକ୍ଷା କରିବା ପାଇଁ ହୋଇଥିବା ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ବିଚାରପତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା ଖାରଜ କରାଯାଇଥିବାର ଆଦେଶକୁ ଆପତ୍ତି କରି ବର୍ତ୍ତମାନର ଆବେଦନ ଦାୟର କରାଯାଇଥିଲା ।**

**ଏହି ଆବେଦନକୁ ଖାରଜ କରି, ନ୍ୟାୟାଳୟ**

**ନିର୍ଣ୍ଣୟ କରିଥିଲେ ଯେ: ଏହି ଆବେଦନରେ କେବଳ ସମୀକ୍ଷା ଆବେଦନରେ ଦିଆଯାଇଥିବା ଆଦେଶକୁ ଆପତ୍ତି କରାଯାଇଛି । ଏଭଳି ଆବେଦନ ଅନୁରକ୍ଷଣୀୟ ଯୋଗ୍ୟ ନୁହେଁ । ଏହି ଆବେଦନକୁ ଖାରଜ କରାଯାଇଛି । ତେବେ, ମୂଳ ଆଦେଶକୁ ଆପତ୍ତି କରି ପୃଥକ ଭାବେ ଦାୟର କରାଯାଇଥିବା ବିଶେଷ ଅନୁମତି ଆବେଦନ ଉପରେ ବିଚାର କରିବାକୁ ଏହି ଆଦେଶ ବାଧକ ସାଜିବ ନାହିଁ ।**

*ଶଙ୍କର ମୋତିରାମ ନାଲେ ବନାମ ଶିଓଲାଲସିଙ୍ଗ୍ ଗନ୍ନୁସିଙ୍ଗ୍ ରାଜପୁତ୍,* **[1994] 2 SCC 753**; *ସୁଶୀଲ୍ ଫାଇନାନ୍ସ ଆଣ୍ଡ ଲିଜିଂ କମ୍ପାନୀ ବନାମ ଏମ୍. ଲତା ଏବଂ ଅନ୍ୟମାନେ,* **[2004] 3 SCC 675 ଏବଂ** *ଏମ୍. ଏନ୍. ହାଇଦର୍ ଏବଂ ଅନ୍ୟମାନେ ବନାମ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ଅନ୍ୟମାନେ,* **[2004] 13 SCC 677 ମାମଲାଗୁଡ଼ିକ ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 5023/2006 ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 17615/2001 ର ସମୀକ୍ଷା ଆବେଦନ ସଂଖ୍ୟା 85/2005 ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 12-8-2005 ର ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏସ୍. କେ. ଉପାଧ୍ୟାୟ ଏବଂ ଇନ୍ଦ୍ର ମକୱାନା ।

ଉତ୍ତରଦାତାମାନଙ୍କ ତରଫରୁ ସରୁପ ସିଂହ, ଆର୍. କେ. ପାଣ୍ଡେ ଏବଂ ଏ. କେ. ସିହ୍ନା ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା -

ମଞ୍ଜୁରୀ ପ୍ରଦାନ କରାଗଲା ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 17615/2001 ରେ ଦିଆଯାଇଥିବା ଆଦେଶ ସମ୍ବନ୍ଧରେ ଦାୟର ହୋଇଥିବା ସମୀକ୍ଷା ଆବେଦନକୁ 12.8.2005 ରେ ଖାରଜ କରି ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ବିଚାରପତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା ପାରିତ ଆଦେଶକୁ ଏହି ଆବେଦନରେ ଆପତ୍ତି କରାଯାଇଛି । ଆଜ୍ଞାଦେଶ ଆବେଦନକାରୀ ପ୍ରାୟ ତିନି ବର୍ଷ ଧରି ଅନୁପସ୍ଥିତ ରହିଥିବା ଆଧାରରେ ଉକ୍ତ ଆଜ୍ଞାଦେଶ ପିଟିସନଟିକୁ ଖାରଜ କରାଯାଇଥିଲା । ଆଜ୍ଞାଦେଶ ଆବେଦନକାରୀ ଜଣେ ଅଭ୍ୟାସଗତ ଅନୁପସ୍ଥିତ ବ୍ୟକ୍ତି ବୋଲି ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଥିଲେ ଏବଂ ସେଥିପାଇଁ, ଅନୁଭବ କରିଥିଲେ ଯେ ଦଣ୍ଡର ପରିମାଣରେ କୌଣସି ଆଶ୍ୱସ୍ତି ପାଇବାକୁ ସେ ଯୋଗ୍ୟ ନଥିଲେ । ଏହା ଧ୍ୟାନ ଦେବାକୁ ହେବ ଯେ 6.11.2001 ରେ ବିଜ୍ଞପ୍ତି ଜାରି କରିବା ସମୟରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପାରିତ ହୋଇଥିଲା:

> "ଯୁକ୍ତି ସମୟରେ ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ କହିଥିଲେ ଯେ ଆବେଦନକାରୀ ଦଶ ବର୍ଷର ସେବା ଦେଇଛନ୍ତି ଏବଂ ଆକ୍ଷେପିତ ଆଦେଶକୁ ଦୃଷ୍ଟିରେ ରଖି ତାଙ୍କୁ ଅବସରକାଳୀନ ସୁବିଧାରୁ ବଞ୍ଚିତ କରାଯାଇଛି । ସେ ଆଜ୍ଞାଦେଶ ପିଟିସନରେ ତାଙ୍କ ଅନୁରୋଧକୁ କେବଳ ଦଣ୍ଡର ପରିମାଣ ମଧ୍ୟରେ ସୀମିତ ରଖିଛନ୍ତି" ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ କହିଥିଲେ ଯେ ବିଚାର ପାଇଁ ରଖାଯାଇଥିବା ତଥ୍ୟଗୁଡ଼ିକୁ ଦୃଷ୍ଟିରେ ରଖି ସମୀକ୍ଷା ଆବେଦନଟି ଗ୍ରହଣୀୟ ନୁହେଁ ବୋଲି ବିଚାର କରିବାରେ ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଛନ୍ତି । ସେହି ତଥ୍ୟଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଉଚ୍ଚ ନ୍ୟାୟାଳୟ

ଆଜ୍ଞାଦେଶ ପିଟିସନକୁ ଖାରଜ କରିବା ସମୟରେ ସଠିକ୍ ତଥ୍ୟଗତ ସ୍ଥିତିକୁ ଧ୍ୟାନରେ ରଖି ନଥିଲେ ।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଓକିଲ କହିଥିଲେ ଯେ ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ବିଚାର କରିଛନ୍ତି ଯେ ସମୀକ୍ଷା ଆବେଦନଟି ଅନୁରକ୍ଷଣୀୟ ଯୋଗ୍ୟ ନଥିଲା ।

ଏହି ଆବେଦନରେ କେବଳ ସମୀକ୍ଷା ଆବେଦନରେ ପ୍ରଦାନ କରାଯାଇଥିବା ଆଦେଶକୁ ଆପତ୍ତି କରାଯାଇଛି । ଏଭଳି ଆବେଦନ ଅନୁରକ୍ଷଣୀୟ ଯୋଗ୍ୟ ନୁହେଁ ।

*ଶଙ୍କର ମୋତିରାମ ନାଲେ ବନାମ ଶିଓଲାଲସିଙ୍ଗ୍ ଗନୁସିଙ୍ଗ୍ ରାଜପୁତ୍*, [1994] 2 SCC 753 ମାମଲାରେ ଏହା ନିମ୍ନମତେ ପରିଲକ୍ଷିତ ହୋଇଥିଲା:

> "ଏହି ଆବେଦନଟି ସ୍ପଷ୍ଟତଃ ଯୋଗ୍ୟତାବିହୀନ ଅଟେ । ଜଣେ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା, ଯିଏକି ଇତି ମଧ୍ୟରେ ଅବସର ଗ୍ରହଣ କରିଥିବା ପରି ମନେହୁଏ, ପାରିତ ଏକ ରାୟ ଏବଂ ଡିକ୍ରିର ସମୀକ୍ଷା ପାଇଁ କରାଯାଇଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରି ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ବିଚାରପତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଆଦେଶ ବିରୁଦ୍ଧରେ ଏହି ଆବେଦନଟି କରାଯାଇଛି । ଏହା ମୂଳ ରାୟ ବିରୁଦ୍ଧରେ କରାଯାଇନାହିଁ । ସମୀକ୍ଷା ଆବେଦନ ପ୍ରତ୍ୟାଖ୍ୟାନ କରିଥିବା ନ୍ୟାୟାଳୟଙ୍କ ଆଦେଶ ବିରୁଦ୍ଧରେ ଏକ ଆବେଦନ କରିବାକୁ ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ 47 ନିୟମ 7 ବାରଣ କରେ । ଏହି ଆଧାରରେ ଆମ୍ଭେ ଆବେଦନଟିକୁ ପ୍ରତ୍ୟାଖ୍ୟାନ କରୁଛୁ । କୌଣସି ଖର୍ଚ୍ଚ ନାହିଁ ।
>
> ଆଇ.ଏ. ସଂଖ୍ୟା 1/93 (ପ୍ରତିସ୍ଥାପନ ପାଇଁ ଆବେଦନ) ।
>
> ଆବେଦନର ପ୍ରତ୍ୟାଖ୍ୟାନକୁ ଦୃଷ୍ଟିରେ ରଖି କୌଣସି ଆଦେଶର ଆବଶ୍ୟକତା ନାହିଁ" ।

*ସୁଶୀଲ୍ ଫାଇନାନ୍ସ ଆଣ୍ଡ ଲିଜିଂ କମ୍ପାନୀ ବନାମ ଏମ୍. ଲତା ଏବଂ ଅନ୍ୟମାନେ*, [2004] 3 SCC 675 ଏବଂ *ଏମ୍. ଏନ୍. ହାଇଦର୍ ଏବଂ ଅନ୍ୟମାନେ ବନାମ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ଅନ୍ୟମାନେ*, [2004] 13 SCC 677 ମାମଲାଦ୍ୱୟରେ ଏହି ସ୍ଥିତିକୁ ଦୋହରାଯାଇଛି ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲଙ୍କ ଦ୍ୱାରା ଏହା କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା 20.8.2004 ର ମୂଳ ଆଦେଶକୁ ଆପତ୍ତି କରି 9.10.2006 ରେ ଏକ ବିଶେଷ ଅନୁମତି ଆବେଦନ ଦାୟର କରାଯାଇଛି । ତେବେ, 9.10.2006 ରେ ଦାୟର ହୋଇଥିବାର କୁହାଯାଇଥିବା ବିଶେଷ ଅନୁମତି ଆବେଦନ ଉପରେ ବିଚାର କରିବା ନିମନ୍ତେ ବର୍ତ୍ତମାନର ଖାରଜ ହୋଇଥିବା ଏହି ଆବେଦନ ବାଧକ ସାଜିବ ନାହିଁ । ଆଇନ ଅନୁଯାୟୀ ଏହାର ବିଚାର କରାଯିବ ।

ଆବେଦନକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।